ओड़िया

# କୃଷି ଋଣ ଛାଡ ଏବଂ ଋଣ ରିହାତି ଯୋଜନା - ୨୦୦୮

## ୧. ଉପକ୍ରମ :

୧.୧ : ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୦୮-୦୯ ବଜେଟ ଭାଷଣରେ କୃଷକମାନଙ୍କ ପାଇଁ ଏକ ଋଣ ଛାଡ ଏବଂ ଋଣ ରିହାତି ଯୋଜନା ଘୋଷଣା କରିଛନ୍ତି ।

୧.୨: ଏହି ଯୋଜନାର କାର୍ଯ୍ୟକାରିତା ନିମ୍ନ ନିୟମାବଳୀ ଅନୁସାରେ ହେବ ।

## ୨. ପରିସର :

୨.୧: ତାଲିକାଭୁକ୍ତ ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ଋଣ ପ୍ରତିଷ୍ଠାନ (ସହରାଞ୍ଚଳ ସମବାୟ ବ୍ୟାଙ୍କ ସମେତ) ଏବଂ ଲୋକାଲ୍ ଏରିଆ ବ୍ୟାଙ୍କ୍ (ଏହାପରଠାରୁ ଋଣ ପ୍ରଦାନକାରୀ ପ୍ରତିଷ୍ଠାନ ଭାବେ ଉଲ୍ଲେଖ କରାଯିବ) ଙ୍କ ଦ୍ୱାରା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଓ ଅନ୍ୟ କୃଷକଙ୍କୁ ପ୍ରଦାନ କରାଯାଉଥିବା ପ୍ରତ୍ୟକ୍ଷ କୃଷି ଋଣ ଏହି ଯୋଜନା ପରିସରଭୁକ୍ତ ହେବ ।

୨.୨: ଏହି ଯୋଜନା ତତ୍କାଳ କାର୍ଯ୍ୟକାରୀ ହେବ ।

## ୩. ସଂଜ୍ଞା :

୩.୧: କୃଷି ଉଦ୍ଦେଶ୍ୟରେ କୃଷକ ମାନଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଦାନ କରାଯାଉଥିବା ସ୍ୱଳ୍ପମିଆଦୀ ଉତ୍ପାଦନ ଋଣ ଏବଂ ନିବେଶ ଋଣକୁ ପ୍ରତ୍ୟକ୍ଷ କୃଷି ଋଣ କୁହାଯାଇଥାଏ । ବ୍ୟକ୍ତିଗତ କୃଷକମାନଙ୍କୁ ନେଇ ଗଠିତ ଗୋଷ୍ଠୀ ( ଉଦାହରଣ ସ୍ୱରୂପ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସଂଯୁକ୍ତ ଋଣ ଗୋଷ୍ଠୀ ବା ଜଏଣ୍ଟ ଲାଏବିଲିଟି ଗ୍ରୁପ୍) ଙ୍କୁ ପ୍ରଦାନ କରାଯାଇଥିବା ଉପରୋକ୍ତ ଋଣ ମଧ୍ୟ ପ୍ରତ୍ୟକ୍ଷ ଋଣ କୁହାଯିବ । କିନ୍ତୁ ବ୍ୟାଙ୍କଗୁଡିକ ଏହି ଗୋଷ୍ଠୀଗୁଡିକର ପ୍ରତ୍ୟେକ ସଦସ୍ୟମାନଙ୍କୁ ପ୍ରଦାନ କରିଥିବା ଋଣ ସମ୍ବନ୍ଧୀୟ ରାଶିର ପୃଥକ୍ ପୃଥକ୍ ତଥ୍ୟ ରଖିଥିବା ଉଚିତ୍ ।

୩.୨: ଅପରପକ୍ଷରେ କୃଷକମାନଙ୍କୁ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ପ୍ରଦାନ କରାଯାଉଥିବା ଋଣ ରାଶି ଯାହାକି, ୧୮ ମାସ ମଧ୍ୟରେ ପରିଶୋଧ ଯୋଗ୍ୟ, ତାହାକୁ ସ୍ୱଳ୍ପମିଆଦୀ ଉତ୍ପାଦନ ଋଣ କୁହାଯାଇଥାଏ । ପାରମ୍ପରିକ ଏବଂ ଅଣପାରମ୍ପରିକ ବୃକ୍ଷରୋପଣ ଏବଂ ଉଦ୍ୟାନ କୃଷି ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ପୁଞ୍ଜି ଋଣ ପାଇଁ ପ୍ରଦାନ କରାଯାଉଥିବା ୧ଲକ୍ଷ ଟଙ୍କାରୁ କମ୍ ପରିମାଣର ଋଣ ରାଶି ଏହି ଋଣ ପରିସରଭୁକ୍ତ ଅଟେ ।

୩.୩: ନିବେଶ ଋଣ ଅର୍ଥାତ୍ :

(କ) ପ୍ରତ୍ୟକ୍ଷ କୃଷି କାର୍ଯ୍ୟ ପାଇଁ ପ୍ରଦାନ କରାଯାଉଥିବା ନିବେଶ ଋଣ ଯଥା- ଜମିର ଉତ୍ପାଦନ ଶକ୍ତି ବୃଦ୍ଧି, ନଷ୍ଟ ହୋଇଯାଇଥିବା ଯନ୍ତ୍ରପାତି ବଦଳାଇବା ଏବଂ ଏଗୁଡିକର ରକ୍ଷଣାବେକ୍ଷଣ କରିବା, କୂଅ ଗଭୀର କରିବା, ନୂଆ କୂଅ ଖୋଳିବା, ପମ୍ପ ସେଟ୍ ସ୍ଥାପନ କରିବା, ଟ୍ରାକ୍ଟର କ୍ରୟ, ବଳଦ କ୍ରୟ କରିବା, ଜମିର ବିକାଶ କରିବା ଏବଂ ପାରମ୍ପରିକ ଓ ଅଣପାରମ୍ପରିକ ବୃକ୍ଷରୋପଣ ଓ ଉଦ୍ୟାନ କୃଷି ପାଇଁ; ଏବଂ

(ଖ) ଗୋପାଳନ, କୁକୁଡା ଫାର୍ମ, ଛେଳି, ମେଣ୍ଢା, ଘୁଷୁରୀ ପାଳନ, ମାଛ ଚାଷ, ମହୁମାଛି ଚାଷ, ସବୁଜଗୃହ ଏବଂ ଜୈବ ଗ୍ୟାସ୍ ଆଦି ଆନୁସଙ୍ଗିକ କାର୍ଯ୍ୟ ପାଇଁ ଆବଶ୍ୟକ ପରିସମ୍ପତ୍ତି ଅଧିଗ୍ରହଣ

ନିମନ୍ତେ ଜରୁରୀ ନିବେଶ ଅର୍ଥକୁ ନିବେଶ ଋଣ କୁହାଯାଇଥାଏ ।

୩.୪: ସମବାୟ ଋଣ ପ୍ରତିଷ୍ଠାନ ଅର୍ଥାତ୍ ଏକ ସମବାୟ ସମିତି ଯିଏକି :

କ) କୃଷକମାନଙ୍କୁ ସ୍ୱଳ୍ପମିଆଦୀ ଫସଲ ଋଣ ପ୍ରଦାନ କରିଥାଏ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ସୁଧ ରିହାତି ପାଇବାପାଇଁ ଯୋଗ୍ୟ; ବା

ଖ) ଭାରତୀୟ ରିଜର୍ଭ ବ୍ୟାଙ୍କ କିମ୍ବା ନାବାର୍ଡ ତଦାରଖରେ ବା ନିୟନ୍ତ୍ରଣରେ ବ୍ୟାଙ୍କିଙ୍ଗ୍ କାର୍ଯ୍ୟକ୍ରମ ଚଳାଉଥିବ; ବା

ଗ) ଏକ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ସ୍ୱଳ୍ପମିଆଦୀ ସମବାୟ ଋଣ ଢାଞ୍ଚା ବା ଦୀର୍ଘମିଆଦୀ ସମବାୟ ଋଣ ଢାଞ୍ଚାର ଅଂଶବିଶେଷ ହୋଇଥିବା ଆବଶ୍ୟକ ।

୩.୫: ନାମମାତ୍ର କୃଷକ ଅର୍ଥାତ୍ ଜଣେ କୃଷକ ଯିଏକି ୧ ହେକ୍ଟର (୨.୫ ଏକର) ପର୍ଯ୍ୟନ୍ତ ଜମି (ମାଲିକ ଚାଷୀ ବା ପ୍ରଜା/ରଇତ ଚାଷୀ ବା ଭାଗ ଚାଷୀ ଭାବେ) ଚାଷ କରୁଥିବା ବ୍ୟକ୍ତିଙ୍କୁ ବୁଝାଇଥାଏ ।

୩.୬: କ୍ଷୁଦ୍ର ଚାଷୀ ଅର୍ଥ ଜଣେ କୃଷକ ଯିଏକି ୧ ହେକ୍ଟରରୁ ଅଧିକ ଏବଂ ୨ ହେକ୍ଟର (୫ ଏକର) ପର୍ଯ୍ୟନ୍ତ ଜମି (ମାଲିକ ଚାଷୀ ବା ପ୍ରଜା/ରଇତ ଚାଷୀ ବା ଭାଗ ଚାଷୀ ଭାବେ) ଚାଷ କରୁଥିବା ବ୍ୟକ୍ତିଙ୍କୁ ବୁଝାଇଥାଏ ।

୩.୭: ଅନ୍ୟାନ୍ୟ କୃଷକ ଅର୍ଥାତ୍ ୨ ହେକ୍ଟର (୫ ଏକର) ରୁ ଉର୍ଦ୍ଧ୍ୱ (ମାଲିକ ଚାଷୀ ବା ପ୍ରଜା/ରଇତ ଚାଷୀ ବା ଭାଗ ଚାଷୀ ଭାବେ) ଚାଷ କରୁଥିବା ବ୍ୟକ୍ତିଙ୍କୁ ବୁଝାଇଥାଏ ।

ବର୍ଣ୍ଣନା :

୧. ଯୋଜନାର ଉପରୋକ୍ତ ଜମି ମାଲିକାନା ମାନଦଣ୍ଡ ଅନୁସାରେ ଯୋଗ୍ୟ କୃଷକମାନଙ୍କର ବିଭକ୍ତିକରଣ କରାଯିବ । ଋଣ ମଞ୍ଜୁରୀ ସମୟରେ କୃଷକଙ୍କ ନାମରେ ଏକକ ଭାବେ ବା ମିଳିତ ମାଲିକାନାସ୍ୱତ୍ୱରେ (ମାଲିକ ଚାଷୀଙ୍କ କ୍ଷେତ୍ରରେ) ବା କୃଷକମାନଙ୍କ ଦ୍ୱାରା ଚାଷ କରାଯାଉଥିବା ସମୁଦାୟ ଜମି (ରଇତ ଚାଷୀ ବା ଭାଗ ଚାଷୀଙ୍କ କ୍ଷେତ୍ରରେ) କୁ ହିସାବକୁ ନିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ମାଲିକାନାସ୍ୱତ୍ୱରେ ବା ଦଖଲ ସୂତ୍ରରେ ହୋଇଥିବା ପରିବର୍ତ୍ତନକୁ ବିଚାରକୁ ନିଆଯିବ ନାହିଁ ।

୨. ଏକାଧିକ କୃଷକଙ୍କ ଦ୍ୱାରା ମିଳିତ ଭାବେ କରାଯାଉଥିବା ଋଣ କ୍ଷେତ୍ରରେ ସର୍ବାଧିକ ଜମି ଥିବା କୃଷକଙ୍କ ଜମିର ପରିମାଣ ଅନୁସାରେ ସବୁ କୃଷକଙ୍କୁ ନାମମାତ୍ର ଚାଷୀ ବା କ୍ଷୁଦ୍ର ଚାଷୀ ବା ଅନ୍ୟାନ୍ୟ କୃଷକ ଭାବେ ବିଭକ୍ତିକରଣ କରାଯିବ ।

୩. କୃଷି ଆନୁସଙ୍ଗିକ କାର୍ଯ୍ୟ ପାଇଁ ମୂଳ ଋଣ ରାଶି ୫୦,୦୦୦ ଟଙ୍କା ବା ଏହାଠାରୁ କମ୍ ପରିମାଣର ନିବେଶ ଋଣ କରିଥିବା କୃଷକଙ୍କୁ କ୍ଷୁଦ୍ର ଏବଂ ନାମମାତ୍ର କୃଷକ ଶ୍ରେଣୀରେ ବିଭକ୍ତ କରାଯିବ ଏବଂ ଯେଉଁ କ୍ଷେତ୍ରରେ ମୂଳ ଋଣ ରାଶି ୫୦,୦୦୦ ଟଙ୍କାରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ଉକ୍ତ କୃଷକଙ୍କୁ ଅନ୍ୟାନ୍ୟ କୃଷକ ଭାବେ ବିଭକ୍ତ କରାଯିବ । ଉପରୋକ୍ତ ଦୁଇଟିଯାକ କ୍ଷେତ୍ରରେ କୃଷକମାନଙ୍କ ଜମି ପରିମାଣ ଯାହା ହୋଇଥାଉନା କାହିଁକି ତାହା ହିସାବକୁ ନିଆଯିବ ନାହିଁ ।

୪. କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ପ୍ରତ୍ୟକ୍ଷ କୃଷି ଋଣକୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯିବ, କିନ୍ତୁ ଏହି ନିର୍ଦ୍ଦେଶାବଳୀ ଗୁଡିକ ପାଳନ ହେଉଥିବା ଆବଶ୍ୟକ ।

୫. ଜଣେ କୃଷକଙ୍କ ଦ୍ୱାରା ପୃଥକ୍ ଭାବେ ନିଆଯାଇଥିବା ସ୍ୱଳ୍ପମିଆଦୀ ଉତ୍ପାଦନ ଋଣ ଏବଂ ନିବେଶ ଋଣକୁ ଦୁଇଟି ପୃଥକ୍ ଋଣ ଭାବେ ବିବେଚନା କରାଯିବ । ଦୁଇଟି ଯାକ ଋଣ କ୍ଷେତ୍ରରେ ଉପରୋକ୍ତ ଯୋଜନା ପୃଥକ୍‌ଭାବେ ଲାଗୁ ହେବ । ସେହିପରି ଜଣେ କୃଷକ ଯିଏକି ଦୁଇଟି ଭିନ୍ନ ଉଦ୍ଦେଶ୍ୟରେ ଦୁଇଟି ନିବେଶ ଋଣ ନେଇଥିବ, ଉଭୟ ଋଣ ଦୁଇଟି ପୃଥକ୍ ପୃଥକ୍ ଋଣ ଭାବେ ବିବେଚିତ ହେବ । ଦୁଇଟି ଋଣ କ୍ଷେତ୍ରରେ ଏହି ଯୋଜନା ପୃଥକ୍ ଭାବେ କାର୍ଯ୍ୟକାରୀ ହେବ ।

## ୪. ଯୋଗ୍ୟ ଋଣ ରାଶି :

୪.୧ ଋଣ ଛାଡ ବା ଋଣ ରିହାତି ପାଇଁ ବିବେଚିତ ରାଶି (ଏବେଠାରୁ ଯୋଗ୍ୟ ଋଣ ରାଶି ଭାବେ ଉଲ୍ଲେଖ କରାଯିବ) ନିମ୍ନମତେ ବିବେଚିତ ହେବ ।

କ) ସ୍ୱଳ୍ପମିଆଦୀ ଉତ୍ପାଦନ ଋଣ କ୍ଷେତ୍ରରେ ଏହାର ପରିମାଣ (ପ୍ରଯୁଜ୍ୟ ସୁଧ ସହିତ):

(କ.୧) ୨୦୦୭ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ଏବଂ ୨୦୦୭ ଡିସେମ୍ବର ୩୧ ପର୍ଯ୍ୟନ୍ତ ଅନାଦେୟ ଋଣରାଶି (ଓଭର୍ ଡିୟୁ) ଏବଂ ୨୦୦୮ ଫେବୃଆରୀ ୨୯ ତାରିଖ ସୁଦ୍ଧା ପଇଠ ହୋଇନଥିବା ଓଭର୍ ଡିୟୁ;

(କ.୨) ଓଭର୍ ଡିୟୁ ହୋଇଥାଉ କି ନହୋଇଥାଉ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣାନାମା ଅନୁସାରେ ୨୦୦୪ ଏବଂ ୨୦୦୬ରେ ବ୍ୟାଙ୍କ ମାନଙ୍କ ଦ୍ୱାରା ପୁର୍ନବିନ୍ୟାସ ଏବଂ ପୁନଃନିର୍ଦ୍ଧାରିତ ହୋଇଥିବା ଋଣ; ଏବଂ

(କ.୩) ଓଭର୍ ଡିୟୁ ହୋଇଥାଉ କି ନହୋଇଥାଉ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରାକୃତିକ ବିପର୍ଯ୍ୟୟ କାରଣ ହେତୁ ୨୦୦୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସାଧାରଣ ପ୍ରକ୍ରିୟାରେ ପୁର୍ନବିନ୍ୟାସ ଏବଂ ପୁନଃନିର୍ଦ୍ଧାରିତ କରାଯାଇଥିବା ଋଣ ରାଶି ।

ଖ) ନିବେଶ ଋଣ କ୍ଷେତ୍ରରେ ଓଭର ଡିୟୁ କିସ୍ତି (ପ୍ରଯୁଜ୍ୟ ସୁଧ ସହିତ); ଏହି ଋଣ ଯଦି :

(ଖ.୧) ୨୦୦୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରଦାନ କରାଯାଇଥିବ ଏବଂ ୨୦୦୭ ଡିସେମ୍ବର ୩୧ ସୁଦ୍ଧା ଅନାଦେୟ (ଓଭର୍ ଡିୟୁ) ହୋଇଥିବା ଋଣରାଶି ଏବଂ ୨୦୦୮ ଫେବୃଆରୀ ୨୯ ତାରିଖ ସୁଦ୍ଧା ଏହାର (ଓଭର୍ ଡିୟୁ) ପଇଠ ହୋଇନଥିବ;

(ଖ.୨) ଓଭର୍ ଡିୟୁ ହୋଇଥାଉ କି ନହୋଇଥାଉ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣାନାମା ଅନୁସାରେ ୨୦୦୪ ଏବଂ ୨୦୦୬ରେ ବ୍ୟାଙ୍କ ମାନଙ୍କ ଦ୍ୱାରା ପୁର୍ନବିନ୍ୟାସ ଏବଂ ପୁନଃନିର୍ଦ୍ଧାରିତ ହୋଇଥିବା ଋଣ; ଏବଂ

(ଖ.୩) ଓଭର୍ ଡିୟୁ ହୋଇଥାଉ କି ନହୋଇଥାଉ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରାକୃତିକ ବିପର୍ଯ୍ୟୟ କାରଣ ହେତୁ ୨୦୦୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସାଧାରଣ ପ୍ରକ୍ରିୟାରେ ପୁର୍ନବିନ୍ୟାସ ଏବଂ ପୁନଃନିର୍ଦ୍ଧାରିତ କରାଯାଇଥିବା ଋଣ ରାଶି ।

## ବର୍ଣ୍ଣନା :

୨୦୦୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରଦାନ କରାଯାଇଥିବା ନିବେଶ ଋଣ ଯାହାକି ଅଣ କାର୍ଯ୍ୟକାରୀ ସମ୍ପତ୍ତି (ନନ୍‌ପରଫର୍ମିଂ ଆସେଟ୍) ଶ୍ରେଣୀରେ କିମ୍ବା ମାମଲା ଦାୟାର୍ ଖାତା (ସୁଟ୍ ଫାଇଲ୍ଡ ଏକାଉଣ୍ଟ) ଶ୍ରେଣୀରେ ବିଭକ୍ତ ହୋଇଥିବ ସେହି ଋଣ କ୍ଷେତ୍ରରେ ୨୦୦୭ ଡିସେମ୍ବର ୩୧ ତାରିଖ ସୁଦ୍ଧା କେବଳ ଅନାଦେୟ (ଓଭର୍ ଡିୟୁ)ଥିବା କିସ୍ତିକୁ ଯୋଗ୍ୟ ଋଣ ରାଶି ରୂପେ ବିବେଚିତ

କରାଯିବ ।

୪.୨ ନିମ୍ନଲିଖିତ ଋଣଗୁଡିକ ଯୋଗ୍ୟଋଣ ରାଶି ରୂପେ ପରିଗଣିତ ହେବ ନାହିଁ:

କ) କ୍ଷେତରେ ଥିବା ଫସଲକୁ ଛାଡି ଅନ୍ୟ ସମସ୍ତ କୃଷି ଉତ୍ପାଦର ଦୃଷ୍ଟି ବନ୍ଧକ ବା ବନ୍ଧକ (ହାଇପୋଥେକେସନ୍ ଅର୍ ପ୍ଲେଜ୍) ବାବଦରେ ନିଆଯାଇଥିବା ଅଗ୍ରୀମ; ଏବଂ

ଖ) କମ୍ପାନୀ (କର୍ପୋରେଟ୍), ପାଟନରସିପ୍ ଫାର୍ମ, ସମବାୟ ଋଣ ପ୍ରତିଷ୍ଠାନ(ପାରା ୩.୪ରେ ଉଲ୍ଲିଖୀତ) ବ୍ୟତୀତ ଅନ୍ୟ ସମିତି ଏବଂ ଏ ପ୍ରକାରର କୌଣସି ପ୍ରତିଷ୍ଠାନକୁ ପ୍ରଦାନ କରାଯାଇଥିବା କୃଷି ଋଣ;

୪.୩ ୧୯୯୭ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ କୌଣସି ଋଣ ପ୍ରଦାନକାରୀ ପ୍ରତିଷ୍ଠାନଦ୍ୱାରା ପ୍ରଦାନ କରାଯାଇଥିବା ଯେକୌଣସି ଋଣ ପାଇଁ ଏହି ଯୋଜନାରେ ଥିବା କୌଣସି ବିଷୟବସ୍ତୁ ଲାଗୁ ହେବନାହିଁ :

**୫. ଋଣ ଛାଡ :**

୫.୧ କ୍ଷୁଦ୍ର ଏବଂ ନାମମାତ୍ର କୃଷକଙ୍କ କ୍ଷେତ୍ରରେ ସମୁଦାୟ ଯୋଗ୍ୟ ଋଣ ରାଶିକୁ ଛାଡ କରାଯିବ ।

**୬. ଋଣ ରିହାତି :**

୬.୧ ଅନ୍ୟାନ୍ୟ କୃଷକଙ୍କ କ୍ଷେତ୍ରରେ ଏକକାଳୀନ ପରିଶୋଧ (ଓ.ଟି.ଏସ୍.) ବ୍ୟବସ୍ଥା ରହିବ । ଏହି ଯୋଜନାରେ ଜଣେ କୃଷକଙ୍କୁ ଯୋଗ୍ୟ ଋଣ ରାଶିର ୨୫% ରିହାତି ଦିଆଯିବ । କିନ୍ତୁ ଯୋଗ୍ୟ ଋଣ ରାଶିର ଅବଶିଷ୍ଟ ୭୫% କୃଷକଙ୍କୁ ଦେବାପାଇଁ ସର୍ତ୍ତ ରଖାଯାଇଛି ।

ସଂଲଗ୍ନକ - **୧**ରେ ତାଲିକାଭୁକ୍ତ ହୋଇଥିବା ରାଜସ୍ୱ ଜିଲ୍ଲାଗୁଡିକ କ୍ଷେତ୍ରରୁ ଅନ୍ୟାନ୍ୟ କୃଷକମାନଙ୍କୁ ଯୋଗ୍ୟ ଋଣ ରାଶିର ୨୫% ବା ୨୦,୦୦୦ ଟଙ୍କା (ଯେଉଁଟି ଅଧିକ) ଓ.ଟି.ଏସ୍. ଆକାରରେ ରିହାତି ପ୍ରଦାନ କରାଯିବ । କିନ୍ତୁ ଯୋଗ୍ୟ ଋଣ ରାଶିର ଅବଶିଷ୍ଟ ରାଶି କୃଷକଙ୍କୁ ଦେବାପାଇଁ ସର୍ତ୍ତ ରଖାଯାଇଛି ।

**୭. କାର୍ଯ୍ୟକାରିତା :**

୭.୧ ଏହି ଯୋଜନାରେ ସାମିଲ୍ ହୋଇଥିବା ତାଲିକାଭୁକ୍ତ ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ଋଣ ପ୍ରତିଷ୍ଠାନ, ସହରାଞ୍ଚଳ ସମବାୟ ବ୍ୟାଙ୍କ ଏବଂ ଲୋକାଲ୍ ଏରିଆ ବ୍ୟାଙ୍କର ପ୍ରତ୍ୟେକ ଶାଖାଗୁଡିକୁ ଦୁଇଟି ତାଲିକା ପ୍ରସ୍ତୁତ କରିବାକୁ ହେବ । ଋଣ ଛାଡ ପାଇଁ ଯୋଗ୍ୟ କ୍ଷୁଦ୍ର ଏବଂ ନାମମାତ୍ର କୃଷକଙ୍କ ପାଇଁ ଗୋଟିଏ ତାଲିକା ଏବଂ ଅନ୍ୟାନ୍ୟ କୃଷକଙ୍କ ପାଇଁ ଅନ୍ୟ ଏକ ତାଲିକା ପ୍ରସ୍ତୁତ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ରଦାନ କରାଯିବାକୁ ଥିବା ଯୋଗ୍ୟ ଋଣ ରାଶି ଏବଂ ଋଣ ଛାଡ ପରିମାଣ ବା ଋଣ ରିହାତି ପରିମାଣ ଏବଂ ଜମିର ବିବରଣୀ ସମ୍ବନ୍ଧିତ ତଥ୍ୟ ଏହି ତାଲିକାରେ ଉଲ୍ଲେଖ କରାଯିବ । ୨୦୦୮ ଜୁନ୍ ୩୦ ତାରିଖ ସୁଦ୍ଧା ବ୍ୟାଙ୍କ /ସୋସାଇଟି ଶାଖାର ନୋଟିସ୍ ବୋର୍ଡରେ ଏହି ତାଲିକା ପ୍ରଦର୍ଶିତ ହେବ ।

୭.୨ କ୍ଷୁଦ୍ର ଚାଷୀ ବା ନାମମାତ୍ର ଚାଷୀ ଶ୍ରେଣୀରେ ବିଭକ୍ତ ହୋଇଥିବା କୃଷକମାନେ ଯୋଗ୍ୟ ଋଣ ରାଶି ଛାଡ କରାଯିବା ପରେ ନୂତନ କୃଷି ଋଣ ପାଇଁ ଯୋଗ୍ୟ ବିବେଚିତ ହେବେ ।

୭.୩ ଅନ୍ୟ କୃଷକ ଶ୍ରେଣୀରେ ବିଭକ୍ତ ହୋଇଥିବା କୃଷକ ଯିଏକି ଓ.ଟି.ଏସ୍. ରିହାତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ତାଙ୍କୁ ଏକ ଲିଖିତ ପ୍ରତିଶ୍ରୁତି ଦେବାକୁ ହେବ । ଏଥିରେ ସେ ତାଙ୍କର ଅଂଶ (ଯୋଗ୍ୟ ଋଣ ରାଶି ବିଯୁକ୍ତ ଓ.ଟି.ଏସ୍. ରିହାତି ପରିମାଣ) ସର୍ବାଧିକ ତିନୋଟି କିସ୍ତିରେ ଦେବାକୁ ସହମତି ପ୍ରକାଶ କରିବେ । ଯାହାର ପ୍ରଥମ ଦୁଇଟି କିସ୍ତି ନିଜ ଅଂଶର ଏକ-ତୃତୀୟାଂଶରୁ ଅଧିକ ହେବା

ଆବଶ୍ୟକ । ଏହି ତିନୋଟି କିସ୍ତି ପରିଶୋଧ କରିବାର ଶେଷ ତାରିଖଗୁଡ଼ିକ ହେଲା; ସେପ୍ଟେମ୍ବର ୩୦, ୨୦୦୮; ମାର୍ଚ୍ଚ ୩୧, ୨୦୦୯ ଏବଂ ଜୁନ୍ ୩୦, ୨୦୦୯ ।

୭.୪ ଭାରତୀୟ ରିଜର୍ଭ ବ୍ୟାଙ୍କ / ନାବାର୍ଡଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଲିଖିତ ପ୍ରତିଶ୍ରୁତି ଦେବାକୁ ହେବ ।

୭.୫ ଅନ୍ୟ କୃଷକମାନେ ଓ.ଟି.ଏସ୍. ବାବଦ ସେମାନଙ୍କ ଅଂଶଧନ ସଂପୂର୍ଣ୍ଣଭାବେ ଋଣ ଖାତାରେ ଜମା କରିବା ପରେ ରିହାତି ପରିମାଣ (କେନ୍ଦ୍ର ସରକାରଙ୍କ ଅଂଶ ବାବଦ ରାଶି)କୁ ସେମାନଙ୍କ ଋଣ ଖାତାରେ ଜମା କରାଯିବ ।

୭.୬ ସ୍ୱଳ୍ପ ମିଆଦୀ ଉତ୍ପାଦନ ଋଣ କ୍ଷେତ୍ରରେ ଅନ୍ୟ କୃଷକମାନେ ସେମାନଙ୍କ ଅଂଶର ଏକ-ତୃତୀୟାଂଶ ପ୍ରଦାନ କରିବା ପରେ ନୂତନ ସ୍ୱଳ୍ପ ମିଆଦୀ ଉତ୍ପାଦନ ଋଣ ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

୭.୭ ନିବେଶ ଋଣ (ପ୍ରତ୍ୟକ୍ଷ କୃଷି କାର୍ଯ୍ୟ ବା ଆନୁସଙ୍ଗିକ କୃଷି କାର୍ଯ୍ୟ ପାଇଁ)କ୍ଷେତ୍ରରେ ଅନ୍ୟ କୃଷକମାନେ ସେମାନଙ୍କର ସଂପୂର୍ଣ୍ଣ ଅଂଶ ପୈଠ କରିବା ପରେ ନୂତନ ନିବେଶ ଋଣ ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

୭.୮ ତାଲିକାଭୁକ୍ତ ବାଣିଜ୍ୟିକ ବ୍ୟାଙ୍କ, ସହରାଞ୍ଚଳ ସମବାୟ ବ୍ୟାଙ୍କ ଏବଂ ଲୋକାଲ୍ ଏରିଆ ବ୍ୟାଙ୍କ କ୍ଷେତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ । ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଏବଂ ସମବାୟ ଋଣ ପ୍ରତିଷ୍ଠାନଗୁଡିକ କ୍ଷେତ୍ରରେ ନାବାର୍ଡ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ ।

## ୮. ସୁଧ ଏବଂ ଅନ୍ୟାନ୍ୟ ଦେୟ :

୮.୧ ୨୦୦୮ ଫେବୃୟାରୀ ୨୯ ତାରିଖ ପରେ ଯେକୌଣସି ଅବଧି ପାଇଁ ଯୋଗ୍ୟ ଋଣ ରାଶି ଉପରେ ଋଣ ପ୍ରଦାନକାରୀ ପ୍ରତିଷ୍ଠାନ ଗୁଡିକ କୌଣସି ସୁଧ ଲଗାଇବେ ନାହିଁ । କିନ୍ତୁ ଯଦି ଅନ୍ୟ କୃଷକ, ଯେଉଁମାନେ କି ୨୦୦୯ ଜୁନ୍ ୩୦ ତାରିଖ ସୁଦ୍ଧା, ଯୋଗ୍ୟ ଋଣ ରାଶିର ସେମାନଙ୍କ ଅଂଶ ପଇଠ କରିବାକୁ ବିଫଳ ହେବେ ଏବଂ ଓ.ଟି.ଏସ୍. ରିହାତି ପାଇବାକୁ ଅଯୋଗ୍ୟ ବିବେଚିତ ହେବେ, ସେମାନଙ୍କ କ୍ଷେତ୍ରରେ ବ୍ୟାଙ୍କଗୁଡିକ ୨୦୦୯ ଜୁନ୍ ୩୦ ତାରିଖ ପରଠାରୁ ସୁଧ ଲାଗୁ କରିପାରନ୍ତି ।

୮.୨ ୨୦୦୭ ଡିସେମ୍ବର ୩୧ ତାରିଖ ପରେ ନିବେଶ ଋଣର ଯେଉଁ ଓଭରଡିୟୁ କିସ୍ତି ପଇଠ ହୋଇ ନ ଥିବ, ସେହି ଋଣ ରାଶିକୁ ଋଣ ପ୍ରଦାନକାରୀ ପ୍ରତିଷ୍ଠାନଗୁଡିକ ପ୍ରଯୁଜ୍ୟ ସୁଧ ସହ ଆଦାୟ କରିପାରିବେ । କିନ୍ତୁ ଉପଯୁକ୍ତ କ୍ଷେତ୍ରରେ ଋଣ ପ୍ରଦାନକାରୀ ପ୍ରତିଷ୍ଠାନଗୁଡିକ ସେମାନଙ୍କ ସାଧାରଣ ନିୟମ ଅନୁସାରେ କିସ୍ତିଗୁଡିକୁ ପୁନଃନିର୍ଦ୍ଧାରିତ କରିପାରନ୍ତି ।

୮.୩ ଏହି ଯୋଜନାନୁସାରେ କୌଣସି ଋଣ ପ୍ରଦାନକାରୀ ପ୍ରତିଷ୍ଠାନ କୌଣସି ମତେ ପ୍ରଦାନ କରିଥିବା ମୂଳ ଋଣ ରାଶିଠାରୁ ଅଧିକ ପରିମାଣର ସୁଧ କେନ୍ଦ୍ର ସରକାରଙ୍କଠାରୁ ଦାବି କରିପାରିବେ ନାହିଁ ।

୮.୪ ସୁଧ ଏବଂ ଅନ୍ୟାନ୍ୟ ଦେୟ ଯାହାକି ଋଣ ପ୍ରଦାନକାରୀ ପ୍ରତିଷ୍ଠାନଗୁଡିକଦ୍ୱାରା କୃଷକ ବା କେନ୍ଦ୍ର ସରକାରଙ୍କଠାରୁ ଦାବୀ କରାଯାଇପାରିବ ନାହିଁ, ସେ ସଂପର୍କିତ ନିର୍ଦ୍ଦେଶାବଳୀ ସହିତ ସମସ୍ତ ଘଟଣାମୂଳକ ଏବଂ ଆନୁସଙ୍ଗିକ ବିଷୟରେ ଋଣ ପ୍ରଦାନକାରୀ ପ୍ରତିଷ୍ଠାନଗୁଡିକଙ୍କ ପାଇଁ ଅର୍ଥ ମନ୍ତ୍ରଣାଳୟ ଅତିରିକ୍ତ ନିର୍ଦ୍ଦେଶାବଳୀ ଜାରି କରିବେ ।

## ୯. ଋଣ ଛାଡ ଏବଂ ଋଣ ରିହାତି ପ୍ରମାଣପତ୍ର :

୯.୧ କ୍ଷୁଦ୍ର ଏବଂ ନାମମାତ୍ର କୃଷକଙ୍କୁ ଯୋଗ୍ୟ ଋଣ ରାଶି ଛାଡ ପରେ ଋଣ ପ୍ରଦାନକାରୀ ପ୍ରତିଷ୍ଠାନ ମାନେ

ଏକ ପ୍ରମାଣପତ୍ର ଦେବେ । ଏଥିରେ ଋଣ ଛାଡ ବିଷୟ ଏବଂ ଛାଡ କରାଯାଇଥିବା ଯୋଗ୍ୟ ଋଣ ପରିମାଣ ବିଶେଷ ଭାବେ ଉଲ୍ଲେଖ ରହିବ ।

୯.୨ ଅନ୍ୟ କୃଷକଙ୍କ କ୍ଷେତ୍ରରେ ଓ.ଟି.ଏସ୍ ରିହାତି ପରିମାଣ ମଞ୍ଜୁରୀ କରିବା ପରେ ଋଣ ପ୍ରଦାନକାରୀ ସଂସ୍ଥା ଏକ ପ୍ରମାଣ ପତ୍ର ଜାରି କରିବେ, ଯେଉଁଥିରେ କି ଲିଖିତ ଥିବ ଯେ ସଂସ୍ଥାର ସନ୍ତୁଷ୍ଟି ପୂର୍ବକ ରିହାତି ପ୍ରଦାନ କରାଯାଇଛି ଏବଂ ଏଥିରେ ଯୋଗ୍ୟ ଋଣ ରାଶିର ପରିମାଣ, କୃଷକଙ୍କ ଅଂଶ ବାବଦ ପଇଠ ରାଶି ଏବଂ ଓ.ଟି.ଏସ୍. ରିହାତି ପରିମାଣ ଉଲ୍ଲେଖ ରହିବ ।

୯.୩ ଭାରତୀୟ ରିଜର୍ଭ ବ୍ୟାଙ୍କ / ନାବାର୍ଡର ନିର୍ଦ୍ଧାରିତ ଫର୍ମରେ ଏହି ପ୍ରମାଣ ପତ୍ର ଜାରି କରାଯିବ ଏବଂ ପ୍ରମାଣପତ୍ର ଜାରି କରିବା ପରେ ଋଣ ପ୍ରଦାନକାରୀ ପ୍ରତିଷ୍ଠାନ କୃଷକଙ୍କଠାରୁ ପ୍ରମାଣପତ୍ରର ପ୍ରାପ୍ତି ସ୍ୱୀକାର କରିବେ ।

## ୧୦. ଋଣ ପ୍ରଦାନକାରୀ ପ୍ରତିଷ୍ଠାନମାନଙ୍କର ଦାୟିତ୍ୱ :

୧୦.୧ ଏହି ଯୋଜନା ଅନ୍ତର୍ଭୁକ୍ତ ଯୋଗ୍ୟ କୃଷକଙ୍କ ତାଲିକାର ସଠିକତା ଏବଂ ସାଧୁତା ପାଇଁ ପ୍ରତ୍ୟେକ ଋଣ ପ୍ରଦାନକାରୀ ପ୍ରତିଷ୍ଠାନ ଦାୟୀ ରହିବେ । ଏଥିରେ ପ୍ରତ୍ୟେକ କୃଷକଙ୍କ ଋଣ ଛାଡ ବା ଋଣ ରିହାତି ସଂପର୍କିତ ତଥ୍ୟାବଳୀର ସଠିକତା ପାଇଁ ମଧ୍ୟ ଋଣ ପ୍ରଦାନକାରୀ ପ୍ରତିଷ୍ଠାନ ଦାୟୀ ରହିବ । ଏହି ଯୋଜନା ଉଦ୍ଦେଶ୍ୟରେ ଋଣ ପ୍ରଦାନକାରୀ ପ୍ରତିଷ୍ଠାନଗୁଡିକଦ୍ୱାରା ରଖାଯାଉଥିବା ସମସ୍ତ ଦସ୍ତାବିଜ୍, ପ୍ରସ୍ତୁତ ହୋଇଥିବା ପ୍ରତ୍ୟେକ ତାଲିକା ଏବଂ ପ୍ରତ୍ୟେକ ପ୍ରମାଣପତ୍ରରେ ଋଣ ପ୍ରଦାନକାରୀ ପ୍ରତିଷ୍ଠାନର ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ଦସ୍ତଖତ ଓ ପଦବୀ ଉଲ୍ଲେଖ ରହିବ ।

୧୦.୨ ପ୍ରତ୍ୟେକ ଋଣ ପ୍ରଦାନକାରୀ ପ୍ରତିଷ୍ଠାନ ପ୍ରତ୍ୟେକ ରାଜ୍ୟ ପାଇଁ ଏକ ବା ଏକାଧିକ (ରାଜ୍ୟରେଥିବା ଶାଖା ସଂଖ୍ୟା ଅନୁଯାୟୀ) ଅଭିଯୋଗ ନିରାକରଣ ଅଧିକାରୀଙ୍କୁ ନିଯୁକ୍ତି ଦେବ । ଋଣ ପ୍ରଦାନକାରୀ ପ୍ରତିଷ୍ଠାନର ପ୍ରତ୍ୟେକ ଶାଖାରେ ଅଭିଯୋଗ ନିରାକରଣ ଅଧିକାରୀଙ୍କ ନାମ ଏବଂ ଠିକଣା ପ୍ରଦର୍ଶିତ କରାଯିବ । ପ୍ରପୀଡିତ କୃଷକଙ୍କଠାରୁ ଆବେଦନ ଗ୍ରହଣ କରିବାର କ୍ଷମତା ଅଭିଯୋଗ ନିରାକରଣ ଅଧିକାରୀଙ୍କର ରହିବ ଏବଂ ସେ ଏହା ଉପରେ ଉପଯୁକ୍ତ ନିର୍ଦ୍ଦେଶାବଳୀ ଜାରୀ କରିବେ । ଅଭିଯୋଗ ନିରାକରଣ ଅଧିକାରୀଙ୍କ ନିର୍ଦ୍ଦେଶ ଚୂଡାନ୍ତ ନିର୍ଦ୍ଦେଶ ହେବ ।

୧୦.୩ **ପରିଚ୍ଛେଦ ୭.୧**ରେ ଉଲ୍ଲେଖ କରାଯାଇଥିବା ୨ଟି ତାଲିକାରେ ଯଦି ପ୍ରପୀଡିତ କୃଷକଙ୍କ ନାମ ସାମିଲ୍ କରାଯାଇ ନ ଥାଏ ବା ଭୁଲ୍ ତାଲିକାରେ ତାଙ୍କ ନାମ ସାମିଲ୍ କରାଯାଇଥାଏ ବା ପ୍ରଦାନ କରାଯାଇଥିବା ରିହାତି ରାଶି ଭୁଲ୍ ଭାବେ ହିସାବ କରାଯାଇଥାଏ, ସେ କ୍ଷେତ୍ରରେ କୃଷକ ଋଣ ନେଇଥିବା ଶାଖା ଜରିଆରେ ବା ସିଧାସଳଖ ଅଭିଯୋଗ ନିରାକରଣ ଅଧିକାରୀଙ୍କୁ ଆବେଦନ କରିପାରିବେ । ଆବେଦନ ଗ୍ରହଣ କରାଯିବାର ୩୦ଦିନ ମଧ୍ୟରେ ଏହି ଅଭିଯୋଗର ଫଇସଲା ହେବ ।

## ୧୧. ହିସାବ ନିରୀକ୍ଷଣ (ଅଡିଟ୍) :

ଏହି ଯୋଜନାରେ ଋଣ ଛାଡ ବା ଋଣ ରିହାତି ପ୍ରଦାନ କରିଥିବା ପ୍ରତ୍ୟେକ ଋଣ ପ୍ରଦାନକାରୀ ପ୍ରତିଷ୍ଠାନର ହିସାବ ବହି (ଶାଖା ସ୍ତରରେ ରଖାଯାଉଥିବା ହିସାବ ବହି ସମେତ), ହିସାବ ନିରୀକ୍ଷଣ ପରିସରଭୁକ୍ତ । ଭାରତୀୟ ରିଜର୍ଭ ବ୍ୟାଙ୍କ / ନାବାର୍ଡର ନିର୍ଦ୍ଧାରିତ ପଦ୍ଧତି ଅନୁସାରେ ଏହି ହିସାବ ନିରୀକ୍ଷଣ କରାଯିବ । ଭାରତୀୟ ରିଜର୍ଭ ବ୍ୟାଙ୍କ / ନାବାର୍ଡର ନିର୍ଦ୍ଦେଶନାମା ଅନୁସାରେ ସହକାରୀ

ନିରୀକ୍ଷକ (କନ୍‌କରେଣ୍ଟ ଅଡ଼ିଟର), ବ୍ୟବସ୍ଥାସିଦ୍ଧ ନିରୀକ୍ଷକ (ଷ୍ଟାଚ୍ୟୁଟାରୀ ଅଡ଼ିଟର) ବା ସ୍ୱତନ୍ତ୍ର ନିରୀକ୍ଷକ (ସ୍ପେସାଲ ଅଡ଼ିଟର)ଙ୍କ ଦ୍ୱାରା ଏହି ନିରୀକ୍ଷଣ କରାଯିବ । କୌଣସି ଋଣ ପ୍ରଦାନକାରୀ ପ୍ରତିଷ୍ଠାନ ବା ଏହି ପ୍ରତିଷ୍ଠାନର ଏକ ବା ଏକାଧିକ ଶାଖାର ହିସାବ ନିରୀକ୍ଷଣ କରାଯିବା ଆବଶ୍ୟକ ବୋଲି ଯଦି କେନ୍ଦ୍ର ସରକାରଙ୍କର ହୃଦ୍‌ବୋଧ ହୁଏ, ସେ କ୍ଷେତ୍ରରେ ସ୍ୱତନ୍ତ୍ର ନିରୀକ୍ଷଣ ପାଇଁ ଆଦେଶ ଦିଆଯାଇପାରେ ।

## ୧୨. ପ୍ରଚାର :

୧୨.୧ ଏହି ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଋଣ ପ୍ରଦାନକାରୀ ପ୍ରତିଷ୍ଠାନର ପ୍ରତ୍ୟେକ ଶାଖାରେ ଏହି ଯୋଜନାର ଏକ ନକଲ ଇଂରାଜୀ ଏବଂ ସରକାରୀ ଭାଷା ବା ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ଭାଷାରେ ପ୍ରଦର୍ଶିତ ହେବ ।

୧୨.୨ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ନାବାର୍ଡର ୱେବ୍ ସାଇଟ୍‌ରେ ଏହି ଯୋଜନାର ଏକ ନକଲ ଉପଲବ୍ଧ ହେବ ।

## ୧୩. ବ୍ୟାଖ୍ୟା ଏବଂ ପ୍ରତିବନ୍ଧକ ଦୂର କରିବାର କ୍ଷମତା :

୧୩.୧ ଏହି ଯୋଜନାର କୌଣସି ପରିଚ୍ଛେଦ କିମ୍ବା ସେଥିରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦେଶାବଳୀର ବ୍ୟାଖ୍ୟା ସଂପର୍କରେ ଯଦି କୌଣସି ସନ୍ଦେହ ଜାତ ହୁଏ, ତେବେ କେନ୍ଦ୍ର ସରକାର ସେହି ସନ୍ଦେହ ଦୂର୍ କରିବେ ଏବଂ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

୧୩.୨ ଏହି ଯୋଜନା ଅନ୍ତର୍ଗତ ନିର୍ଦ୍ଦେଶାବଳୀ ବା ଯୋଜନାକୁ କାର୍ଯ୍ୟକାରୀ କରିବାରେ ଯଦି କିଛି ବାଧା ଉପୁଜେ, ତେବେ ଏହି ବାଧା ଦୂର କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଯାହା ଆବଶ୍ୟକ କିମ୍ବା ଉପଯୋଗୀ ଅନୁଭବ କରିବେ, ତାହା କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।

## ୧୪. ନିରୀକ୍ଷଣ (ମନିଟରିଂ) :

ଏହି ଯୋଜନାର କାର୍ଯ୍ୟକାରିତାକୁ ନିରୀକ୍ଷଣ କରିବା ପାଇଁ

କ) ସଚିବ, ଆର୍ଥୀକ ସେବା ବିଭାଗ, ଅର୍ଥ ମନ୍ତ୍ରଣାଳୟ - ଅଧ୍ୟକ୍ଷ;

ଖ) ସଚିବ, କୃଷି ଏବଂ ସହଯୋଗ ବିଭାଗ, କୃଷି ମନ୍ତ୍ରଣାଳୟ;

ଗ) ଡେପୁଟି ଗଭର୍ଣ୍ଣର, ଭାରତୀୟ ରିଜର୍ଭ ବ୍ୟାଙ୍କ;

ଘ) ଅଧ୍ୟକ୍ଷ, ନାବାର୍ଡ;

ଙ) ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ;

ଚ) ଦୁଇଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ: ଏବଂ

ଛ) ଦୁଇଟି ରାଜ୍ୟସ୍ତରୀୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ

ଙ୍କୁ ନେଇ ଜାତୀୟ ସ୍ତରର ନିରୀକ୍ଷଣ (ମନିଟରିଂ) କମିଟି ଗଠନ କରାଯିବ ।

ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜସ୍ୱ ଜିଲ୍ଲା ସମୂହର ସୂଚୀ ।

| ରାଜ୍ୟ | କ୍ର.ନଂ. | ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜସ୍ୱ ଜିଲ୍ଲା ସମୂହର ସୂଚୀ । | |
|---|---|---|---|
| ଆନ୍ଧ୍ରପ୍ରଦେଶ | ୧ | ୧. | ଆଡ଼ିଲାବାଦ |
| | ୨. | ୨. | ଚିତ୍ତୁର |
| | ୩. | ୩. | କୁଡ୍ଡାପା |
| | ୪. | ୪. | ଖମାମ |
| | ୫. | ୫. | କୁର୍ନୁଲ୍ |
| | ୬. | ୬. | ମେଡ଼କ୍ |
| | ୭. | ୭. | ମେହବୁବ୍ ନଗର |
| | ୮. | ୮. | ନାଲ୍ ଗୁଣ୍ଡା |
| | ୯. | ୯. | ପ୍ରକାଶମ୍ |
| | ୧୦. | ୧୦. | ରଙ୍ଗାରେଡ୍ଡି |
| | ୧୧. | ୧୧. | ଶ୍ରୀକାକୁଲମ୍ |
| | ୧୨. | ୧୨. | ଅନନ୍ତପୁର |
| | ୧୩. | ୧୩. | ୱାରାଙ୍ଗଲ |
| | ୧୪. | ୧୪. | ଗୁଣ୍ଟୁର |
| | ୧୫. | ୧୫. | କରିମ୍‌ନଗର |
| | ୧୬. | ୧୬. | ନେଲ୍ଲୁର |
| | ୧୭. | ୧୭. | ନିଜାମାବାଦ |
| ବିହାର | ୧୮. | ୧. | ଭଭୁଆ |
| | ୧୯. | ୨. | ଜାମୁଇ |
| | ୨୦. | ୩. | ମଧୁବନି |
| | ୨୧. | ୪. | ନୱାଦା |
| | ୨୨. | ୫. | ରୋହତାସ୍ |
| | ୨୩. | ୬. | ସୀତାମାଢ଼ୀ |
| ଛତିଶଗଡ଼ | ୨୪. | ୧. | ବସ୍ତର |
| | ୨୫. | ୨. | ବିଲାସପୁର |
| | ୨୬. | ୩. | ଦନ୍ତେୱାଡା |
| | ୨୭. | ୪. | ଦୁର୍ଗ |

| ରାଜ୍ୟ | କ୍ର.ନଂ. | ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜସ୍ୱ ଜିଲ୍ଲା ସମୂହର ସୂଚୀ । | |
|---|---|---|---|
| | ୨୮. | ୫. | ଜାନଗୀର – ଚମ୍ପା |
| | ୨୯. | ୬. | କବରୀ ଧାମ |
| | ୩୦. | ୭. | କୋରବା |
| | ୩୧. | ୮. | ରାଜନନ୍ଦ ଗାଁଓ |
| ଗୁଜରାଟ | ୩୨. | ୧. | ଅହମଦାବାଦ |
| | ୩୩. | ୨. | ଆମ୍ରେଲି |
| | ୩୪. | ୩. | ଭାରୁଚ୍ |
| | ୩୫. | ୪. | ଭାବ୍‌ନଗର |
| | ୩୬. | ୫. | ଦାହୋଡ୍ |
| | ୩୭. | ୬. | ଦାଙ୍ଗ |
| | ୩୮. | ୭. | ଜୁନାଗଡ଼ |
| | ୩୯. | ୮. | ନର୍ମଦା |
| | ୪୦. | ୯. | ନବସରି |
| | ୪୧. | ୧୦. | ପଞ୍ଚ ମହଲାସ୍ |
| | ୪୨. | ୧୧. | ପୋରବନ୍ଦର |
| | ୪୩. | ୧୨. | ଶବରକାନ୍ଥ |
| | ୪୪. | ୧୩. | ଭଦୋଦରା |
| | ୪୫. | ୧୪. | ଭଲସଦ |
| | ୪୬. | ୧୫. | ବନାସକଣ୍ଠ |
| | ୪୭. | ୧୬. | ଜାମ୍ ନଗର |
| | ୪୮. | ୧୭. | କଚ୍ଛ |
| | ୪୯. | ୧୮. | ପାଟନ୍ |
| | ୫୦. | ୧୯. | ରାଜକୋଟ୍ |
| | ୫୧. | ୨୦. | ସୁରେନ୍ଦ୍ର ନଗର |
| ହରିଆନା | ୫୨. | ୧. | ଭିୱାନି |
| | ୫୩. | ୨. | ଫତେହାବାଦ |
| | ୫୪. | ୩. | ହିସାର |
| | ୫୫. | ୪. | ଜାହାର |
| | ୫୬. | ୫. | ମହିନ୍ଦର ଗଡ଼ |
| | ୫୭. | ୬. | ରିୱାରି |
| | ୫୮. | ୭. | ସିରଶା |
| ହିମାଚଳ ପ୍ରଦେଶ | ୫୯. | ୧. | ବିଳାସପୁର |
| | ୬୦. | ୨. | ସୋଲାନ୍ |
| | ୬୧. | ୩. | ୟୁନା |
| | ୬୨. | ୪. | କିନ୍ନୁର |
| | ୬୩. | ୫. | ଲାହୁଲ ଏବଂ ସ୍ପିତି |

| ରାଜ୍ୟ | କ୍ର.ନଂ. | ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜ୍ୟ ଜିଲ୍ଲା ସମୂହର ସୂଚୀ । | |
|---|---|---|---|
| ଜାମ୍ମୁ ଏବଂ କାଶ୍ମୀର | ୬୪. | ୧. | ଡୋଡ଼ା |
| | ୬୫. | ୨. | ଉଧମପୁର |
| | ୬୬. | ୩. | ରମନ୍ |
| | ୬୭. | ୪. | କିସ୍ତୱାର |
| | ୬୮. | ୫. | ରିଆଶି |
| | ୬୯. | ୬. | କାରଗିଲ୍ |
| | ୭୦. | ୭. | ଲେହ୍ |
| ଝାଡ଼ଖଣ୍ଡ | ୭୧. | ୧. | ବୋକାରୋ |
| | ୭୨. | ୨. | ଛତ୍ରା |
| | ୭୩. | ୩. | ଦେଓଘର |
| | ୭୪. | ୪. | ଧାନବାଦ |
| | ୭୫. | ୫. | ଦୁମ୍କା |
| | ୭୬. | ୬. | ଘରୱା |
| | ୭୭. | ୭. | ଗୋଡା |
| | ୭୮. | ୮. | ହଜାରିବାଗ୍ |
| | ୭୯. | ୯. | ଜାମତାରା |
| | ୮୦. | ୧୦. | କୋଡ଼ରମା |
| | ୮୧. | ୧୧. | ଲତେହାର |
| | ୮୨. | ୧୨. | ପାକୁର୍ |
| | ୮୩. | ୧୩. | ପାଲାମୁ |
| | ୮୪. | ୧୪. | ସାହେବଗଞ୍ଜ |
| କର୍ଣ୍ଣାଟକ | ୮୫. | ୧. | ବାଙ୍ଗାଲୋର ରୁରାଲ୍ |
| | ୮୬. | ୨. | ବେଲଗାଁଓ |
| | ୮୭. | ୩. | ବିଦାର |
| | ୮୮. | ୪. | ଚମରାଜ ନଗର |
| | ୮୯. | ୫. | ଚିକ୍‌ମାଗ୍ଲୁର୍ |
| | ୯୦. | ୬. | ଚିତ୍ର ଦୁର୍ଗା |
| | ୯୧. | ୭. | ଦାଭାନଗେରେ |
| | ୯୨. | ୮. | ଧାରୱାଡ଼ |
| | ୯୩. | ୯. | ଗଦାଗ |
| | ୯୪. | ୧୦. | ଗୁଲବର୍ଗା |
| | ୯୫. | ୧୧. | ହସନ୍ |
| | ୯୬. | ୧୨. | ହାଭେରି |
| | ୯୭. | ୧୩. | କୋଲାର୍ |
| | ୯୮. | ୧୪. | ମାହୀଶୁର |
| | ୯୯. | ୧୫. | ଟୁମକୁର |
| | ୧୦୦. | ୧୬. | କୋଡ଼ାଗୁ |
| | ୧୦୧. | ୧୭. | ସିମୋଗା |

| ରାଜ୍ୟ | କ୍ର.ନଂ. | ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜସ୍ୱ ଜିଲ୍ଲା ସମୂହର ସୂଚୀ । | |
|---|---|---|---|
| | ୧୦୨. | ୧୮. | ବାଗଲକୋଟ୍ |
| | ୧୦୩. | ୧୯. | ବେଲାରି |
| | ୧୦୪. | ୨୦. | ବିଜାପୁର |
| | ୧୦୫. | ୨୧. | ଦାଭନଗିର୍ |
| | ୧୦୬. | ୨୨. | କୋପାଲ୍ |
| | ୧୦୭. | ୨୩. | ରାଇଚୁର୍ |
| କେରଳ | ୧୦୮. | ୧. | ୱେନାଡ୍ |
| | ୧୦୯. | ୨. | ପାଲକ୍କଡ୍ |
| | ୧୧୦. | ୩. | କାସରଗଡ୍ |
| ମଧ୍ୟପ୍ରଦେଶ | ୧୧୧. | ୧. | ବରୱାନି |
| | ୧୧୨. | ୨. | ବେତୁଲ୍ |
| | ୧୧୩. | ୩. | ଭିନ୍ଦ୍ |
| | ୧୧୪. | ୪. | ଛିନ୍ଦୱାଡା |
| | ୧୧୫. | ୫. | ଦାମୋହ |
| | ୧୧୬. | ୬. | ଦେୱାସ |
| | ୧୧୭. | ୭. | ଧର୍ |
| | ୧୧୮. | ୮. | ଗୁନା |
| | ୧୧୯. | ୯. | ଜବଲପୁର |
| | ୧୨୦. | ୧୦. | ଝାବୁଆ |
| | ୧୨୧. | ୧୧. | ଖଣ୍ଡୱା |
| | ୧୨୨. | ୧୨. | ଖରଗାଁଓ |
| | ୧୨୩. | ୧୩. | ପାନ୍ନା |
| | ୧୨୪. | ୧୪. | ରାଇସେନ୍ |
| | ୧୨୫. | ୧୫. | ରାଜଗଡ୍ |
| | ୧୨୬. | ୧୬. | ରାତ୍ଲାମ୍ |
| | ୧୨୭. | ୧୭. | ରିୱା |
| | ୧୨୮. | ୧୮. | ସାହାଡ୍ରୋଲ୍ |
| | ୧୨୯. | ୧୯. | ସାହାଜପୁର୍ |
| | ୧୩୦. | ୨୦. | ସିବପୁରି |
| | ୧୩୧. | ୨୧. | ସିଧି |
| | ୧୩୨. | ୨୨. | ସିଓନି |
| | ୧୩୩. | ୨୩. | ୟୁମାରିଆ |
| | ୧୩୪. | ୨୪. | ଅଶୋକ ନଗର |
| | ୧୩୫. | ୨୫. | ଅନୁପପୁର |
| ମହାରାଷ୍ଟ୍ର | ୧୩୬. | ୧. | ଅହମଦନଗର |

| ରାଜ୍ୟ | କ୍ର.ନଂ. | ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜସ୍ୱ ଜିଲ୍ଲା ସମୂହର ସୂଚୀ । | |
|---|---|---|---|
| | ୧୩୭. | ୨. | ଅକୋଲା |
| | ୧୩୮. | ୩. | ଅମରାବତୀ |
| | ୧୩୯. | ୪. | ଔରଙ୍ଗାବାଦ |
| | ୧୪୦. | ୫. | ବିଡ୍ |
| | ୧୪୧. | ୬. | ବୁଲ୍‌ଧାନ |
| | ୧୪୨. | ୭. | ଚନ୍ଦ୍ରପୁର |
| | ୧୪୩. | ୮. | ଧୁଲେ |
| | ୧୪୪. | ୯. | ଗଡ଼ଚିରୋଲି |
| | ୧୪୫. | ୧୦. | ହିଙ୍ଗୋଲି |
| | ୧୪୬. | ୧୧. | ଜଲଗାଁଓ |
| | ୧୪୭. | ୧୨. | ଜାଲନା |
| | ୧୪୮. | ୧୩. | ଲାତୁର୍ |
| | ୧୪୯. | ୧୪. | ନାଗପୁର୍ |
| | ୧୫୦. | ୧୫. | ନାନ୍‌ଦେଡ୍ |
| | ୧୫୧. | ୧୬. | ନନ୍ଦୁରବାର୍ |
| | ୧୫୨. | ୧୭. | ନାସିକ୍ |
| | ୧୫୩. | ୧୮. | ଓସ୍‌ମାନାବାଦ |
| | ୧୫୪. | ୧୯. | ପର୍‌ଭାନି |
| | ୧୫୫. | ୨୦. | ପୁଣେ |
| | ୧୫୬. | ୨୧. | ସାଙ୍ଗଲି |
| | ୧୫୭. | ୨୨. | ସତାରା |
| | ୧୫୮. | ୨୩. | ସୋଲାପୁର |
| | ୧୫୯. | ୨୪. | ୱାସିମ୍ |
| | ୧୬୦. | ୨୫. | ୟାଭାତ୍‌ମାଲ୍ |
| | ୧୬୧. | ୨୬. | ୱାର୍ଦ୍ଧା |
| ଓଡ଼ିଶା | ୧୬୨. | ୧. | ବରଗଡ଼ |
| | ୧୬୩. | ୨. | ବଲାଙ୍ଗୀର |
| | ୧୬୪. | ୩. | ବୌଦ୍ଧ |
| | ୧୬୫. | ୪. | ଢେଙ୍କାନାଳ |
| | ୧୬୬. | ୫. | କଳାହାଣ୍ଡି |
| | ୧୬୭. | ୬. | ନୂଆପଡ଼ା |
| | ୧୬୮. | ୭. | ସୋନପୁର |
| | ୧୬୯. | ୮. | ଫୁଲ୍‌ବାଣୀ |
| ରାଜସ୍ଥାନ | ୧୭୦. | ୧. | ଆଜମୀର |
| | ୧୭୧. | ୨. | ବାନସ୍ୱାଡ଼ା |

| ରାଜ୍ୟ | କ୍ର.ନଂ. | ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜସ୍ୱ ଜିଲ୍ଲା ସମୂହର ସୂଚୀ । | |
|---|---|---|---|
| | ୧୭୨. | ୩. | ବରାନ୍ |
| | ୧୭୩. | ୪. | ଭରତପୁର |
| | ୧୭୪. | ୫. | ଡୁଙ୍ଗରପୁର |
| | ୧୭୫. | ୬. | ଝାଲୱାଡ଼ |
| | ୧୭୬. | ୭. | କରୌଲି |
| | ୧୭୭. | ୮. | କୋଟା |
| | ୧୭୮. | ୯. | ସୱାଇ ମାଧୋପୁର |
| | ୧୭୯. | ୧୦. | ଟଙ୍କ୍ |
| | ୧୮୦. | ୧୧. | ଉଦୟପୁର୍ |
| | ୧୮୧. | ୧୨. | ବାର୍‌ମେର୍ |
| | ୧୮୨. | ୧୩. | ବିକାନିର୍ |
| | ୧୮୩. | ୧୪. | ଚୁରୁ |
| | ୧୮୪. | ୧୫. | ହନୁମାନ ଗଡ଼ |
| | ୧୮୫. | ୧୬. | ଜୟପୁର |
| | ୧୮୬. | ୧୭. | ଜୟସାଲମୀର୍ |
| | ୧୮୭. | ୧୮. | ଜାଲୋର୍ |
| | ୧୮୮. | ୧୯. | ଝୁନଝୁନୁ |
| | ୧୮୯. | ୨୦. | ଯୋଧପୁର୍ |
| | ୧୯୦. | ୨୧. | ନାଗାଉର୍ |
| | ୧୯୧. | ୨୨. | ପାଲି |
| | ୧୯୨. | ୨୩. | ରାଜସ୍ମାନ୍ଦ |
| | ୧୯୩. | ୨୪. | ସିକାର୍ |
| | ୧୯୪. | ୨୫. | ସିରୋହି |
| ତାମିଲ୍‌ନାଡୁ | ୧୯୫. | ୧. | କୋଇମ୍ବାଟୁର୍ |
| | ୧୯୬. | ୨. | ଧରମପୁରି |
| | ୧୯୭. | ୩. | ଡିଣ୍ଡିଗଲ୍ |
| | ୧୯୮. | ୪. | କରୁର୍ |
| | ୧୯୯. | ୫. | କ୍ରିଷ୍ଣାଗିରୀ |
| | ୨୦୦. | ୬. | ନାମକ୍କଲ |
| | ୨୦୧. | ୭. | ପେରମ୍ବଲୁର୍ |
| | ୨୦୨. | ୮. | ପୁଡୁକୋଟାଇ |
| | ୨୦୩. | ୯. | ରାମନାଥପୁରମ୍ |
| | ୨୦୪. | ୧୦. | ସାଲେମ୍ |
| | ୨୦୫. | ୧୧. | ଶିବଗଙ୍ଗା |
| | ୨୦୬. | ୧୨. | ତିରୁଚିରାପଲ୍ଲୀ |
| | ୨୦୭. | ୧୩. | ତିରୁନେଲ୍‌ଭେଲି |
| | ୨୦୮. | ୧୪. | ତିରୁଭନାମଲାଇ |

| ରାଜ୍ୟ | କ୍ର.ନଂ. | ମରୁଡ଼ି ପ୍ରବଣ ଜିଲ୍ଲା (DPAP), ଜିଲ୍ଲା ଉନ୍ନୟନ ଯୋଜନା (DDP Area) ଏବଂ ପ୍ରଧାନମନ୍ତ୍ରୀ ବିଶେଷ ରିଲିଫ ଯୋଜନା ଅନ୍ତର୍ଗତ ରାଜସ୍ୱ ଜିଲ୍ଲା ସମୂହର ସୂଚୀ । | |
|---|---|---|---|
| | ୨୦୯. | ୧୫. | ତୁତୁକୋଡ଼ି |
| | ୨୧୦. | ୧୬. | ଭେଲୋର୍ |
| | ୨୧୧. | ୧୭. | ଭିରୁଦୁନଗର |
| ଉତର ପ୍ରଦେଶ | ୨୧୨. | ୧. | ଆହ୍ଲାବାଦ୍ |
| | ୨୧୩. | ୨. | ବହେରାଇଚ୍ |
| | ୨୧୪. | ୩. | ବଲରାମପୁର |
| | ୨୧୫. | ୪. | ବାନ୍ଦା |
| | ୨୧୬. | ୫. | ଚିତ୍ରକୁଟ୍ |
| | ୨୧୭. | ୬. | ହମିରପୁର୍ |
| | ୨୧୮. | ୭. | ଜାଲୋନ୍ |
| | ୨୧୯. | ୮. | ଝାନ୍ସି |
| | ୨୨୦. | ୯. | ଲକ୍ଷ୍ମୀପୁର ଖେରି |
| | ୨୨୧. | ୧୦. | ଲଳିତପୁର |
| | ୨୨୨. | ୧୧. | ମହୋବା |
| | ୨୨୩. | ୧୨. | ମିର୍ଜାପୁର |
| | ୨୨୪. | ୧୩. | ଶ୍ରାବସ୍ତି |
| | ୨୨୫. | ୧୪. | ସୀତାପୁର୍ |
| | ୨୨୬. | ୧୫. | ସୋନଭଦ୍ରା |
| ଉତରାଖଣ୍ଡ | ୨୨୭. | ୧. | ଅଲମୋଡା |
| | ୨୨୮. | ୨. | ବାଗେଶ୍ୱର |
| | ୨୨୯. | ୩. | ଚାମୋଲି |
| | ୨୩୦. | ୪. | ଚମ୍ପାବତ୍ |
| | ୨୩୧. | ୫. | ପୌଡ଼ୀଘରୱାଲ୍ |
| | ୨୩୨. | ୬. | ପିଥୋରାଗଡ଼ |
| | ୨୩୩. | ୭. | ତେହେରିଘରୱାଲ୍ |
| ପଶ୍ଚିମବଙ୍ଗ | ୨୩୪. | ୧. | ବାଙ୍କୁଡା |
| | ୨୩୫. | ୨. | ବିରଭୂମ୍ |
| | ୨୩୬. | ୩. | ପଶ୍ଚିମ ମେଦିନାପୁର |
| | ୨୩୭. | ୪. | ପୁରୁଲିଆ |
| ସମୁଦାୟ ଜିଲ୍ଲା ସଂଖ୍ୟା | | | ୨୩୭ ଜିଲ୍ଲା |